# ଜିଲା ଛାତ୍ର ବିଜେଡି ଉପସଭାପତି ପଦରୁ ଲଳିତଙ୍କ ଇସ୍ତଫା



ଉମରକୋଟ, ୧୬।୨ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ସୋସିଆଲ ମିଡିଆ ସଂଯୋଜକ ଓ ଜିଲା ବିଜୁ ଛାତ୍ର ଜନତା ଦଳ ଉପ ସଭାପତି ପଦରୁ ଉମରକୋଟର ଯୁବ ନେତା ଲଳିତ ସେଠୀ ଇସ୍ତଫା ଦେଇଛନ୍ତି। ସେ ଜିଲା ଛାତ୍ର ବିଜେଡି ସଭାପତି ସୁଧାଂଶୁ ଦାସ ଓ ରାଜ୍ୟ ନେତୃବର୍ଗଙ୍କୁ ନିଜ ଇସ୍ତଫାପତ୍ର ପ୍ରେରଣ କରିଛନ୍ତି। ନବରଙ୍ଗପୁର ଜିଲା ବିଜେଡି ଦଳ ସଭାପତି ତଥା ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ନୀତି ଆଦର୍ଶରେ ଜଣେ ଶୃଙ୍ଖଳିତ କର୍ମୀଭାବେ କାମ କରିବି। କୌଣସି ପଦ ପଦବୀର ଆବଶ୍ୟକତା ନାହିଁ ବୋଲି ଲଳିତ ନିଜ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି।

# ବିଜ୍ଞାନ ବିଭାଗର ୨୧୬୧ ଛାତ୍ରୀଛାତ୍ର ଦେଲେ ପରୀକ୍ଷା



ପରୀକ୍ଷା କେନ୍ଦ୍ରକୁ ଯିବା ପୂର୍ବରୁ ପିଲାମାନଙ୍କୁ ଯାଞ୍ଚ କରାଯାଉଛି।



ଛାତ୍ରୀମାନେ ନିଜ ଆଡ୍‌ମିଟ୍ କାର୍ଡ ଦେଖାଉଛନ୍ତି।

ନବରଙ୍ଗପୁର, ୧୬।୨ (ସଦାଶିବ ପ୍ରହରାଜ)

ଯୁକ୍ତ ୨ ବୋର୍ଡ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ମାର୍ଚ୍ଚ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ୨୧୬୧ ଜଣ ଛାତ୍ରୀଛାତ୍ର ବିଜ୍ଞାନ ବିଭାଗର ଓଡ଼ିଆ ପରୀକ୍ଷା ଦେଇଛନ୍ତି। ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ଯାଞ୍ଚ କରାଯାଇଥିଲା। ସ୍ଥାନୀୟ ତହସିଲଦାରଙ୍କ ଆଗରେ ପ୍ରଶ୍ନପତ୍ର ଖୋଲାଯିବା ପରେ ତାହାକୁ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପଠାଯାଇଥିଲା। ବିଡିଓ ପରୀକ୍ଷା କେନ୍ଦ୍ରଗୁଡ଼ିକ ଯାଞ୍ଚ କରୁଛନ୍ତି।

ନବରଙ୍ଗପୁର ଜିଲାରେ ଚଳିତ ବର୍ଷ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ମୋଟ ୭୨୪୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ବାଣିଜ୍ୟରେ ୪୩୪, କଳାରେ ୪୬୪୭ ଓ ବିଜ୍ଞାନରେ ୨୧୬୧ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏ ନେଇ ଜିଲାରେ ୨୦ ଗୋଟି ପରୀକ୍ଷାକେନ୍ଦ୍ର କରାଯାଇଛି। ପ୍ରଶ୍ନପତ୍ର ରଖିବା ସକାଶେ ୩ଟି ନୋଡାଲ ସେଣ୍ଟର (ହବ୍) ହୋଇଛି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପଠାଯାଇଛି। ପରୀକ୍ଷାରେ କପି ରୋକିବା ପାଇଁ ଦୁଇଟି ସ୍କ୍ୱାଡ୍ ଉପଜିଲାପାଳଙ୍କ ଦ୍ୱାରା ପରିଚାଳିତ ହେବେ। ଏହା ସହ ଶିକ୍ଷା ବିଭାଗ ତରଫରୁ ମଧ୍ୟ ସ୍କ୍ୱାଡ୍ ବ୍ୟବସ୍ଥା ରହିଛି। ପ୍ରଶ୍ନପତ୍ର ଲିକ୍ ଦୃଷ୍ଟିରୁ ମୋବାଇଲ ଫୋନ ପରୀକ୍ଷାକେନ୍ଦ୍ରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଶନିବାର ଯୁକ୍ତ ୨ ବାଣିଜ୍ୟ ଓ କଳା ବିଭାଗର ଓଡ଼ିଆ ଭାଷା ପରୀକ୍ଷା ରହିଛି।

**ଯୁକ୍ତ ୨ ପରୀକ୍ଷା ଆରମ୍ଭ**

# ଅଲେଖ ଟୁଙ୍ଗିରେ ଭକ୍ତଙ୍କୁ ମାଡ଼ ମାରି ହତ୍ୟା

ଝରିଗାଁ, ୧୬।୨ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ବେଲଗାଁ ଅଲେଖ ମହିମା ଟୁଙ୍ଗିରେ ଆଶ୍ରୟ ନେଇଥିବା ଜଣେ ଭକ୍ତଙ୍କୁ ମାଡ଼ ମାରି ହତ୍ୟା କରାଯାଇଥିବା ଝରିଗାଁ ଥାନରେ ଶୁକ୍ରବାର ଅଭିଯୋଗ ହୋଇଛି। ମୃତକଙ୍କ ପରିଚୟ ମିଳିନାହିଁ। ଅଭିଯୁକ୍ତ ହେଲେ ପାଣ୍ଡରାଗନ୍ଦି ଗ୍ରାମର ପଦୁ ପାଇକ। ସେ ଏବେ ଫେରାର ଅଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

ସୂଚନାନୁଯାୟୀ, ୩ ଦିନ ତଳେ ଜଣେ ଭକ୍ତ ବେଲଗାଁସ୍ଥିତ ଅଲେଖ ମହିମା ଟୁଙ୍ଗିକୁ ଆସିଥିଲେ। ଶୁକ୍ରବାର ଭକ୍ତ ଜଣଙ୍କ ମଧ୍ୟାହ୍ନ ଭୋଜନ କରିବା ପରେ ଟୁଙ୍ଗିର ଗୋଟିଏ ଗୃହରେ ଓ ଆଉ ଏକ ଗୃହରେ ଟୁଙ୍ଗିର ଅନ୍ୟ ବାବାମାନେ ବିଶ୍ରାମ ନେଉଥିଲେ। ହଠାତ୍ ବାହାରୁ ଆସିଥିବା ଭକ୍ତଙ୍କ ଚିତ୍କାର ଶୁଣି ଅନ୍ୟ ଏକ ଗୃହରେ ବିଶ୍ରାମ ନେଉଥିବା ବାବାମାନେ ସେଠାକୁ ଯାଇଥିଲେ। ପାଣ୍ଡରାଗନ୍ଦି ଗ୍ରାମର ପଦୁ ପାଇକ ବାହାରୁ ଆସିଥିବା ଭକ୍ତଙ୍କ ବେକ ଧରି ମାଡ଼ ମାରୁଥିବା ବାବାମାନେ ଦେଖିଥିଲେ। ବାବାମାନଙ୍କୁ ଦେଖି ଘଟଣାସ୍ଥଳରୁ ପଦୁ ଫେରାର ହୋଇଯାଇଥିଲା। ଡାକ୍ତରଖାନା ନେବା ପୂର୍ବରୁ ହିଁ ବାହାରୁ ଆସିଥିବା ଅଲେଖ ଭକ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଟୁଙ୍ଗିରେ ରହୁଥିବା ଅଲେଖ ବାବା ଲଖିନାଥ ବୈରାଗୀ ଝରିଗାଁ ଥାନାରେ ପଦୁଙ୍କ ନାମରେ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଝରିଗାଁ ପୋଲିସ କେସ୍ ନଂ. ୪୧/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ପଦୁ ପାଇକଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଥାନାଧିକାରୀ ତପନ କୁମାର ପତି ସୂଚନା ଦେଇଛନ୍ତି।

# ଭାଜପାର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ



ଭାଜପା ନେତାଙ୍କ ସହ ଦଳରେ ସାମିଲ ହୋଇଥିବା ନୂତନ କର୍ମୀ।

କୋଡ଼ିଙ୍ଗା, ୧୬।୨ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଫାର୍ସାଗୁଡା ପଞ୍ଚାୟତର ନର୍ସରିଠାରେ ଶୁକ୍ରବାର ବ୍ଲକ ଭାଜପାର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମଞ୍ଚାସୀନ ଅତିଥିମାନେ କେନ୍ଦ୍ରୀୟ ଯୋଜନା ବିଷୟରେ ଅବଗତ କରିବା ସହ ଓ ଦଳୀୟ ସଙ୍ଗଠନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ତ୍ରିଲୋଚନ ଚୌଧୁରୀ, ଲାକସାଏ ପୂଜାରୀ, ସୁଶାନ୍ତ ବେହେରା, ରୂପଧର ଭତରା, ଗଙ୍ଗାବାଲି ନାୟକ, ନିରୋଜ ଭତରା, ଡମ୍ବରୁ ଦିଶାରୀଙ୍କ ସହ ବିଭିନ୍ନ ଦଳର ଶତାଧିକ କର୍ମୀ ଭାଜପାରେ ଯୋଗଦେଇଥିଲେ। ଏହି ମିଶ୍ରଣ ପର୍ବରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝି, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଦସ୍ୟ ମାନସ ରଞ୍ଜନ ଦାସ, ଜିଲା ଭାଜପା ସହ ସମ୍ପାଦକ ସୀମାଞ୍ଚଳ ବିଷୋୟୀ, ଜିଲା ଭାଜପା ସମ୍ପାଦକ ଗୋବିନ୍ଦ ଗୋପାଳ ଅଗ୍ରୱାଲ, ଡାବୁଗାଁ ବିଧାନସଭା ସଂଯୋଜକ ତ୍ରିନାଥ ଅମନାତ୍ୟ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସମନାଥ ପୂଜାରୀ, ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ପଦ୍ମିନୀ ମାଝି, ବାସନ୍ତୀ ମାଝି, ବାବୁଲା ଦାସ, ଯଶବନ୍ତ ନାୟକ, ଦୁଲାର ନାୟକ, ପିଣ୍ଟୁ ସିଂଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ବରକନ୍ୟାଙ୍କୁ ବୁଝାଇ ବାଲ୍ୟବିବାହ ରୋକିଲା ପ୍ରଶାସନ



ଅଧିକାରୀମାନେ ବରକନ୍ୟାଙ୍କ ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ନନ୍ଦାହାଣ୍ଡି, ୧୬।୨ (ପ୍ରତୀପ କୁମାର ଦାଶ)

**ବିବାହ ବୟସ ହେବା ପରେ ବାହା କରାଯିବାକୁ ନିଷ୍ପତ୍ତି**

ବାଲ୍ୟବିବାହ ଭଳି ଏକ କୁପ୍ରଥାକୁ ରୋକିବା ପାଇଁ ସରକାର ବିଭିନ୍ନ ଯୋଜନା ଏବଂ ପ୍ରଚେଷ୍ଟା କରୁଛନ୍ତି। ତଥାପି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସଚେତନତା ଅଭାବରୁ ଏବେ ବି ବାଲ୍ୟବିବାହ ଦେଖିବାକୁ ମିଳୁଛି। ସରକାରଙ୍କ ପକ୍ଷରୁ ଅନେକ ସମୟରେ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି। ବାଲ୍ୟବିବାହ ହେଉଥିବା ଜାଣିଲେ ପ୍ରଶାସନ ପକ୍ଷରୁ ତାହାକୁ ରୋକାଯାଇଥାଏ। ଏହିଭଳି ଏକ ଘଟଣା ଶୁକ୍ରବାର ଘଟିଛି। ବାଲ୍ୟବିବାହ ଖବର ପାଇ ନନ୍ଦାହାଣ୍ଡି ବ୍ଲକ ବାଲ୍ୟବିବାହ ନିଷେଧ ଅଧିକାରୀ ସସ୍ମିତା ମହାନ୍ତି ଏକ ଟିମ୍ ଗଠନକରି ତାହାକୁ ବନ୍ଦ କରିଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ଗୁରୁଜାନୀଗୁଡ଼ା ଗ୍ରାମର ଜଣେ ୧୬ ବର୍ଷୀୟା ଝିଅଙ୍କୁ ତେନ୍ତୁଳିଖୁଣ୍ଟି ବ୍ଲକର କୃଷ୍ଣଗୁଡା ଗ୍ରାମର ନରହରି ଭତରାଙ୍କ ପୁଅ ବିବାହ ପ୍ରତିଶ୍ରୁତି ଦେଇ ନିଜ ଘରକୁ ନେଇଯାଇଥିଲେ। ଖବରପାଇ ଝିଅଙ୍କ ବାପା ବାଲ୍ୟବିବାହ ନିଷେଧ ଅଧିକାରୀଙ୍କୁ ଜଣାଇଥିଲେ। ସୁପରଭାଇଜର ଶାନ୍ତିଲତା ଭୂମିଆ, ମମତାର ପିଏ ସୁପ୍ରଭା ତ୍ରିପାଠୀ, ଏ.ଏନ୍.ଏମ୍. ବାସନ୍ତୀ ଜାନି, ଅଙ୍ଗନୱାଡି କର୍ମୀ ଚମ୍ପା ଜାନିଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ବାଲ୍ୟବିବାହ ଅଧିକାରୀ ଗୁରୁଜାନୀଗୁଡା ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ଉପସ୍ଥିତିରେ ଉଭୟ ବରକନ୍ୟା ଓ ସେମାନଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। କମ୍ ବୟସରୁ ବିବାହ କଲେ ହେଉଥିବା ସମସ୍ୟା ସମ୍ପର୍କରେ ବୁଝାଯାଇଥିଲା। ଉଭୟ ପରିବାରଙ୍କ ସହମତିରେ ଏହି ବିବାହକୁ ସ୍ଥଗିତ କରାଯାଇଛି। ବିବାହଯୋଗ୍ୟ ବୟସ ହେବାପରେ ସେମାନଙ୍କର ବିବାହ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଝିଅର ସ୍କୁଲ ପାଠପଢା ସରି ନ ଥିବାରୁ ତାଙ୍କୁ ଏକ ହଷ୍ଟେଲ ସ୍କୁଲରେ ରଖିବାର ବ୍ୟବସ୍ଥା କରାଯିବ ବୋଲି ବାଲ୍ୟବିବାହ ନିଷେଧ ଅଧିକାରୀ ସୂଚନା ଦେଇଛନ୍ତି।

# ୧୨୨ ଆଦିବାସୀ ଯୁବ ଉଦ୍ୟୋଗୀଙ୍କୁ ଚେକ୍

**ଜନଜାତି ଜୀବିକା ମିଶନ**

ନବରଙ୍ଗପୁର, ୧୬।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ପଞ୍ଚାୟତ ସାଧନା କେନ୍ଦ୍ରରେ ଆଦିବାସୀ ଯୁବ ଉଦ୍ୟୋଗୀମାନଙ୍କ ପାଇଁ ଏକ ଆର୍ଥିକ ସହାୟତା ପ୍ରଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନା ଅଧୀନରେ ଜିଲାରେ ମୋଟ ୨୪୫ ଜଣ ଆଦିବାସୀ ଯୁବତୀଯୁବକଙ୍କୁ ନବରଙ୍ଗପୁର ଆଇଟିଡିଏ ପକ୍ଷରୁ ଉଦ୍ୟୋଗ ବିକାଶଭିତ୍ତିକ ତାଲିମ ପ୍ରଦାନ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ପ୍ରଥମ ପର୍ଯ୍ୟାୟରେ ୧୨୨ ଜଣ ଆଦିବାସୀ ଯୁବ ଉଦ୍ୟୋଗୀଙ୍କୁ ଉଦ୍ୟୋଗ ବିକାଶ ନିମନ୍ତେ ୧ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲାପାଳ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିଙ୍କ ମଧ୍ୟରେ ଆଇଟିଡିଏ ପିଏ ରାଜୀବ କୁମାର ସାହୁ ଓ ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା ପ୍ରମୁଖ ଯୋଗ ଦେଇଥିଲେ। ଜିଲାପାଳ ଆଦିବାସୀ ଯୁବ ଉଦ୍ୟୋଗୀମାନଙ୍କୁ ଚେକ୍ ପ୍ରଦାନ କରିବା ସହ ବ୍ୟବସାୟ କ୍ଷେତ୍ରରେ କିଭଳି ଭାବରେ ସଫଳତା ପାଇପାରିବା ସେ ନେଇ ଆଲୋକପାତ କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଆଦିବାସୀ ଯୁବ ଉଦ୍ୟୋଗୀଙ୍କୁ ଜିଲାପାଳ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଆଇଟିଡିଏ ପ୍ରକଳ୍ପ ପରିଚାଳକ ଗୋବିନ୍ଦ କୁମାର, ବିଷୟ ବସ୍ତୁ ବିଶେଷଜ୍ଞ ସୁଶୀଲ କୁମାର ମେହେର, ପୁଷ୍ପାଞ୍ଜଳୀ ସେଠ ଏବଂ ବ୍ଲକସ୍ତରୀୟ ଜୀବିକା ବିଶେଷଜ୍ଞମାନେ ପରିଚାଳନା କରିଥିଲେ।




ଜିଲାପାଳ ଯୁବ ଉଦ୍ୟୋଗୀମାନଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

# ୪୦ ଜଣ ଚାଷୀଙ୍କ ଭୁବନେଶ୍ୱର ଯାତ୍ରା

ଡାବୁଗାଁ, ୧୬।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

**ମତ୍ସ୍ୟ ଓ ପ୍ରାଣୀ ସମାବେଶରେ ଯୋଗଦେବେ**

ଭୁବନେଶ୍ୱରର ଜନତା ମଇଦାନରେ ଚାଲିଥିବା ମତ୍ସ୍ୟ ଓ ପ୍ରାଣୀ ସମାବେଶରେ ଯୋଗ ଦେବାକୁ ନବରଙ୍ଗପୁର ଜିଲା ଡାବୁଗାଁ ଓ କୋଷାଗୁମୁଡ଼ା ବ୍ଲକରୁ ୪୦ ଜଣ ଚାଷୀ ଶୁକ୍ରବାର ସନ୍ଧ୍ୟାରେ ଯାତ୍ରା ଆରମ୍ଭ କରିଛନ୍ତି। ଉଭୟ ବ୍ଲକରୁ ମତ୍ସ୍ୟ ବିଭାଗ ପକ୍ଷରୁ ୨୦ ଓ ପ୍ରାଣୀ ବିଭାଗରୁ ୨୦ ଜଣ ମହିଳା ପୁରୁଷ ଚାଷୀ ବସ୍‌ରେ ଭୁବନେଶ୍ୱର ଯାଉଛନ୍ତି। ବସ୍‌ରେ ଚାଷୀମାନଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ୨ଟି ବ୍ଲକରୁ ୪ ଜଣ ନୋଡାଲ ଅଧିକାରୀ ରହିଛନ୍ତି। ଏହି ଯାତ୍ରା ସମୟରେ ଡାବୁଗାଁ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର କୁମାର କାଣ୍ଡି, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ମନୋରଞ୍ଜନ ମାଝି ଓ ସଙ୍ଗୀତା ସାମଲ, ପ୍ରାଣୀଧନ ନିରିକ୍ଷକ ନିରାକାର ମାଝି ଓ ସୁକେଶ ଶିରା ପ୍ରମୁଖ ଉପସ୍ଥିତ ଥିଲେ।




ଭୁବନେଶ୍ୱର ଯାଉଥିବା ଚାଷୀ ଓ ଅନ୍ୟମାନେ ।

# ରାଜମିସ୍ତ୍ରି ସଂଘ ମୃତ ସଦସ୍ୟଙ୍କ ପରିବାରକୁ ସହାୟତା

ପାପଡ଼ାହାଣ୍ଡି, ୧୬।୨ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ରାଜମିସ୍ତ୍ରି ସଂଘ ପକ୍ଷରୁ ଗୁରୁବାର ସଂଘର ମୃତ ସଦସ୍ୟଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ରାଜମିସ୍ତ୍ରି ସଂଘ ସଭାପତି ଈଶ୍ୱର ମାଝି, ସାଧାରଣ ସମ୍ପାଦକ ଭୁବନ ବାଘ, ପୂର୍ବତନ ସଭାପତି ନରସିଂହ ନାୟକ, ମାଧବ ନାୟକ, କୋଷାଧ୍ୟକ୍ଷ ଅରୁଣ ଦଣ୍ଡସେନା, କରୁଣାକର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଗତବର୍ଷ ସଂଘ ସଦସ୍ୟ ବିରିଗୁଡ଼ା ଗ୍ରାମର ଗୋବିନ୍ଦ ଗୌଡ଼, ମୁଣ୍ଡାଗୁଡ଼ାର ଗୋପୀନାଥ ଜାନି, ଘାଟଗୁଡ଼ାର ଶୁକଦେବ ଅମନତ୍ୟା, ମାଝିଗୁଡ଼ାର ସୁନା ଭତରା, ଭେଜାର ରାମା ଭତରା, ସୋରିଷପୋଦର ଧନମତି ଭତରା, ଭାଟିକୋଟ ବାସୁଦେବ ନାୟକ, ଘାଟଗୁଡ଼ା ଗ୍ରାମର ଅଭି ନାୟକ, କନ୍ୟାଶ୍ରମର ଲଛମନ ଗୌଡ଼, ବାରୀଗୁଡ଼ା ଚନ୍ଦ୍ର ଭତରା, ବରଦେଇର ପଦଲାମ ଭତରା ପ୍ରାଣ ହରାଇଥିଲେ। ସଂଘ ନିୟମାନୁଯାୟୀ ସେମାନଙ୍କୁ ସହାୟତା ଦିଆଯାଇଛି। ମୃତ ସଦସ୍ୟଙ୍କ ପିଲାମାନଙ୍କୁ ପୋଷାକ ସହ କିଛି ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ନରସିଂହ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତୁଳସୀ ଚାଲାନ, ତୁଳା ସାନ୍ତା, ତୁଲାରାମ ଭତରା, ମଙ୍ଗରାଜ ଭତରା, ଜଗବନ୍ଧୁ ନିଗି, ଦେବରାଜ ଗୌଡ଼, ଦେବ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗଡ଼ିଲାନି ଗାଡ଼ି, ଦୋକାନ ଶିକ୍ଷାନୁଷ୍ଠାନ ବନ୍ଦ

ଡାବୁଗାଁ, ୧୬।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

**ଡାବୁଗାଁରେ ଭାରତ ବନ୍ଦ ପ୍ରଭାବ**

କେନ୍ଦ୍ର ସରକାର ଶ୍ରମିକ ବିରୋଧୀ, କୃଷକ ବିରୋଧୀ ଏବଂ ଜାତୀୟତା ବିରୋଧୀ ଧ୍ୱଂସକାରୀ ନୀତି ବିରୋଧରେ ଶୁକ୍ରବାର ସକାଳ ୬ଟାରୁ ଭାରତ ବନ୍ଦ କରାଯାଇଛି। ନିତ୍ୟ ବ୍ୟବହୃତ ଜିନିଷର ଅହେତୁକ ଦରଦାମ ବୃଦ୍ଧି ରୋକିବା ସହ ବିଭିନ୍ନ ସମସ୍ୟା ନେଇ ଧର୍ମଘଟ କରାଯାଇ କେନ୍ଦ୍ର ସରକାରଙ୍କୁ ଚେତାବନୀ ଦିଆଯାଇଛି। ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ, ଜିଲା ରାଜମିସ୍ତ୍ରି ଓ ନିର୍ମାଣ ଶ୍ରମିକ ମହାସଂଘ, ସିଆଇଟିୟୁ, ଆଇଏନ୍‌ଟିୟୁସି, ଏଆଇଟିୟୁସି ଏବଂ ସ୍ୱାଧୀନ ଟ୍ରେଡ୍ ୟୁନିୟନ ସମୂହଙ୍କ ସହ କଂଗ୍ରେସ ଦଳ ଧର୍ମଘଟରେ ସାମିଲ ଥିଲା। ଡାବୁଗାଁରେ ଗାଡ଼ିମୋଟର, ଦୋକାନ ବଜାର ସହ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ଥିଲା। ରାଜ୍ୟ ରାଜପଥ ୩୯ରେ ବ୍ୟାନର ବାନ୍ଧି ରାସ୍ତା ଅବରୋଧ କରାଯାଇଥିଲା। ଦୁଇ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ରାଜେଶ ଜାନି, କୃଷକ ମହାସଂଘ ସଭାପତି ସତ୍ୟରଞ୍ଜନ ପାତ୍ର, ପାପନା ରେଲି, ତରଣୀ ରେଲି, କଂଗ୍ରେସ ବ୍ଲକ ସଭାପତି ଜି. ସାଇ ରାଜୁ, ଜୋନ୍-୧ କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ଆଶୁତୋଷ ଜେନା, ଶଶିଧର ମାଝିଙ୍କ ସମେତ ଜନସାଧାରଣ ଧର୍ମଘଟରେ ସାମିଲ ହୋଇଥିଲେ। ଥାନାଧିକାରୀ ସୁନୀଲ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ଗୋପାଳକୃଷ୍ଣ ହାଲୱାଙ୍କ ସହ ପୋଲିସ କର୍ମଚାରୀ, ହୋମ୍‌ଗାର୍ଡ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୁତୟନ ଥିଲେ।



ଡାବୁଗାଁରେ ରାସ୍ତାରୋକୋ କରାଯାଇଛି।

# ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସର ଦାବିପତ୍ର

ନବରଙ୍ଗପୁର, ୧୬।୨ (ସଦାଶିବ ପ୍ରହରାଜ)

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡ଼ିକ ସଂଯୁକ୍ତ ମୋର୍ଚ୍ଚା, ସ୍ୱାଧୀନ କର୍ମଚାରୀ ଫେଡେରେଶନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଅଖିଳ ଭାରତ ଟ୍ରେଡ୍ ୟୁନିୟନ୍ କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ(ସାଧାରଣ) ଦାବିପତ୍ର ଗ୍ରହଣ କରିଛନ୍ତି।

ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ ପକ୍ଷରୁ ସ୍ଥାନୀୟ ପୋଲିସ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା। ପରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅଙ୍ଗନୱାଡ଼ି, ଆଶା, ମଧ୍ୟାହ୍ନଭୋଜନ ପାଚିକା ସହାୟିକାଙ୍କ ସମେତ ସମସ୍ତ ସ୍କିମ୍ ୱାର୍କରଙ୍କୁ ଭାରତୀୟ ଶ୍ରମ ସମ୍ମିଳନୀର ସୁପାରିସ ଭିତ୍ତିରେ ୱାର୍କର ମାନ୍ୟତା, ଶ୍ରମିକମାନଙ୍କ ପାଇଁ ମାସିକ ସର୍ବନିମ୍ନ ମଜୁରି ୨୬ହଜାର ଟଙ୍କାକୁ ବୃଦ୍ଧି, ସମସ୍ତ ସ୍କିମ୍ ୱାର୍କରଙ୍କୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି, ବୀମା, ଗ୍ରାଚ୍ୟୁଇଟି ଓ ପେନ୍‌ସନ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଶ୍ରମିକ ଶ୍ରେଣୀ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର ଓ ସମ୍ମୁଖୀନ ହେଉଥିବା ସମସ୍ୟା ସମାଧାନ ପାଇଁ ଶ୍ରମ ବିଭାଗର ସକ୍ରିୟ ହସ୍ତକ୍ଷେପ ବ୍ୟବସ୍ଥା କରନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରାକ୍ ବିଦ୍ୟାଳୟ ଶିଶୁ ଓ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରତ୍ୟାହାର, ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ ଓ ରାଷ୍ଟ୍ରୀୟ ମୁଦ୍ରାକରଣ ପାଇପ୍ ଲାଇନ୍ ପ୍ରତ୍ୟାହାର କରି ଅର୍ଥନୀତିକୁ ସୁରକ୍ଷିତ କରାଯାଉ ବୋଲି ଦର୍ଶାଇଛନ୍ତି। ସେହିଭଳି କୃଷି ଉତ୍ପାଦନର ସହାୟକ ମୂଲ୍ୟ ପ୍ରଦାନ ପାଇଁ ଏମ୍‌ଏସ୍‌ପି କେନ୍ଦ୍ରୀୟ ଆଇନ ପ୍ରଣୟନ, ପୁରୁଣା ପେନ୍‌ସନ ସ୍କିମ୍ ଲାଗୁ ଦାବି ହୋଇଛି। ଦେଶର ଦାରିଦ୍ର୍ୟ ଦୂରୀକରଣ ସ୍ୱାର୍ଥରେ ଏହି ଦାବି ଅବିଳମ୍ବେ ପୂରଣ କରାଯାଉ ବୋଲି ଦର୍ଶାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପାଚିକା ସଂଘ ସଭାପତି ଡମାଇ ମାଝି, ନିର୍ମାଣ ଶ୍ରମିକ/କୃଷକ ସଭାପତି ସନାତନ ସାହୁ, ସମ୍ପାଦକ ଆଶିଷ ସାହୁ, ନିର୍ମାଣ ଶ୍ରମିକ ସଂଘ ରାଜ୍ୟ କାର୍ଯ୍ୟକର୍ତ୍ତା ପ୍ରମୋଦ ମହାନ୍ତିଙ୍କ ସମେତ କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।




ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସର ସଭ୍ୟାମାନେ ଦାବିପତ୍ର ଦେବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

# ଆଶାୟୀ ୨ ନୀଳମାଧବଙ୍କ ପୃଥକ୍ ଭାଜପା- ବିଜେଡି ବାହାଘରକୁ ନେଇ ଚର୍ଚ୍ଚା

ବିଷମକଟକ, ୧୬।୨ ( ବିଭୂତି ଭୂଷଣ ନାୟକ)

ସାଧାରଣ ନିର୍ବାଚନକୁ ଆଉ କିଛିଦିନ ବାକି ଥିବାବେଳେ ବିଭିନ୍ନ ରାଜନୈତିକ ଦଳର ଆଶାୟୀ ପ୍ରାର୍ଥୀମାନେ ଜୋର୍‌ସୋର ଉଦ୍ୟମ ଚଳାଇଛନ୍ତି। ବର୍ତ୍ତମାନ କଂଗ୍ରେସ ଟିକେଟ ହାତେଇବା ପାଇଁ ଆଶାୟୀ ପ୍ରାର୍ଥୀମାନେ ଭାଜପା-ବିଜେଡି ବାହାଘର କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଟାକ୍ଷ କରୁଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ବିଷମକଟକ ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ଦଳ ପକ୍ଷରୁ ୨ ନୀଳମାଧବ ଆଶାୟୀ ରହିଥିବାବେଳେ ଜଣେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ନୀଳମାଧବ ହିକ୍‌କା ଏବଂ ଅନ୍ୟ ଜଣେ ପୂର୍ବତନ ମନ୍ତ୍ରୀ ଉମ୍ବରୁଧର ଉଲାକାଙ୍କ ପୁଅ ନୀଳମାଧବ ଉଲାକା ରହିଛନ୍ତି। ଉଭୟେ ନିଜ ନିଜର ସମର୍ଥକଙ୍କ ସହ ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସହ ରାଜ୍ୟ କଂଗ୍ରେସର ପରାମର୍ଶକ୍ରମେ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ଦେଖିବାକୁ ମିଳିଛି। ଗୁରୁବାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମାଧବ ହିକ୍‌କା ବିଷମକଟକ କଲ୍ୟାଣ ମଣ୍ଡପଠାରେ ଭାଜପା-ବିଜେଡି ବିବାହ ଉତ୍ସବ ଆୟୋଜନ କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ଲୋକ ସଭା ସଦସ୍ୟ ସପ୍ତଗିରି ଉଲାକାଙ୍କ ସମେତ କଂଗ୍ରେସ ଜିଲା ସଭାପତି ଏବଂ ଜିଲାର ବରିଷ୍ଠ ନେତୃତ୍ୱମାନେ ଯୋଗ ଦେଇଥିଲେ। ଶୁକ୍ରବାର ନୀଳମାଧବ ଉଲାକା ତାଙ୍କ ସମର୍ଥକଙ୍କ ସହ ଚାଟିକୋଣାଠାରେ ଆଉ ଏକ ଭାଜପା-ବିଜେଡି ବିବାହ ଉତ୍ସବ ଆୟୋଜନକରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କୁ କଟାକ୍ଷ କରିଛନ୍ତି । ଗୋଟିଏ ନିର୍ବାଚନମଣ୍ଡଳୀରେ ୨ ଆଶାୟୀଙ୍କ ଭାଜପା- ବିଜେଡି ବିବାହ ଆୟୋଜନକୁ ନେଇ ଚର୍ଚ୍ଚାର ବିଷୟ ପାଲଟିଛି। ନୀଳମାଧବ ଉଲାକା ଶୁକ୍ରବାର ସକାଳେ ତାଙ୍କ ସମର୍ଥକଙ୍କୁ ନେଇ ବିଷମକଟକରେ ଏକ ବିରାଟ ପଦଯାତ୍ରା କରିଥିଲେ। ପରେ ଚାଟିକୋଣାସ୍ଥିତ ଶିବ ମନ୍ଦିରରେ ଏହି ପ୍ରତୀକାତ୍ମକ ବିବାହ ଉତ୍ସବ କରି ଭୋଜିର ଆୟୋଜନ କରିଥିଲେ। ତେବେ ବିଷମକଟକ ନିର୍ବାଚନ ମଣ୍ଡଳୀ ପାଇଁ କେଉଁ ନୀଳମାଧବ ଦଳୀୟ ଟିକେଟ ପାଉଛନ୍ତି ତାହା ଦେଖିବାକୁ ବାକି ରହିଲା।


ଚାଟିକୋଣାସ୍ଥିତ ଶିବମନ୍ଦିରରେ ଭାଜପା- ବିଜେଡିର ପ୍ରତୀକାତ୍ମକ ବିବାହ।

ବିଷମକଟକ ନିର୍ବାଚନମଣ୍ଡଳୀ ପୂର୍ବରୁ କଂଗ୍ରେସ ଗଡ଼ ରହିଥିବା ବେଳେ ପୂର୍ବତନ ମନ୍ତ୍ରୀ ଉମ୍ବରୁଧର ଉଲାକା କଂଗ୍ରେସ ଦଳ ତରଫରୁ ୭ ଥର ବିଧାୟକ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୨ଥର ମନ୍ତ୍ରୀ ମଧ୍ୟ ହୋଇଥିଲେ। ୨୦୧୪ରେ କଂଗ୍ରେସ ଗଡ଼କୁ ଭାଙ୍ଗି ବିଜେଡି ନିଜ ଅକ୍ତିଆରରେ ରଖି ଆସୁଛି। ଆସନ୍ତା ନିର୍ବାଚନରେ ପୂର୍ବତନ ମନ୍ତ୍ରୀ ଉଲାକାଙ୍କ ପୁଅ ନୀଳମାଧବ ଉଲାକା ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ହୋଇ ଟିକେଟ ଦୌଡ଼ରେ ରହିଛନ୍ତି। ଅଞ୍ଚଳରେ ବାପାଙ୍କ ଖ୍ୟାତିକୁ ଆୟୁଧ କରି ପୁଅ ନୀଳମାଧବ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଛନ୍ତି । ଅନ୍ୟପକ୍ଷରେ ନୀଳମାଧବ ହିକ୍‌କା ମଧ୍ୟ ବିଧାୟକ ପ୍ରାର୍ଥୀ ନିମନ୍ତେ ଟିକେଟ ଆଶାୟୀ ରହିଛନ୍ତି । ସେ ୨୦୧୯ ନିବାଚନରେ କଂଗ୍ରେସ ଟିକେଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀଙ୍କଠାରୁ ୧୩ ହଜାର ଭୋଟ ବ୍ୟବଧାନରେ ହାରିଥିଲେ । ସେବେଠାରୁ ନୀଳମାଧବ ହିକ୍‌କା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଚଳାଇ ଆସୁଥିବା ବେଳେ ତାଙ୍କ ପଛରେ ଲୋକ ସମର୍ଥନ ରହିଥିବାରୁ ସେ ଟିକେଟ ପାଇବା ପାଇଁ ପ୍ରମୁଖ ଦାବିଦାର ବୋଲି ଦଳୀୟ ସମର୍ଥକଙ୍କ ମହଲରେ ଚର୍ଚ୍ଚା ଜୋର ଧରିଛି । ଅନ୍ୟପକ୍ଷରେ ନୀଳମାଧବ ଉଲାକା ଏକ ରାଜନୈତିକ ପରିବାରରୁ ଆସିଥିବା ଏବଂ ତାଙ୍କ ବାପା ୭ଥର ବିଧାୟକ ଓ ବିଭିନ୍ନ ସମୟରେ ମନ୍ତ୍ରୀ ରହିଥିବା ବେଳେ ତାଙ୍କ ପରିବାର ସଦସ୍ୟ ବର୍ତ୍ତମାନର କୋରାପୁଟ ଲୋକ ସଭା ସଦସ୍ୟ ସପ୍ତଗିରି ଉଲାକା ରହିଛନ୍ତି। ତେଣୁ ଦଳୀୟ ଫୋରମରେ ତାଙ୍କ କାର୍ତ୍ତି ରହିଥିବାରୁ ଉଲାକାଙ୍କ ସମର୍ଥକଙ୍କ ମଧ୍ୟରେ ସେ ଟିକେଟ ହାତେଇବା ନେଇ ବେଶ୍ ଆଶା ରହିଛି। ଏ ନେଇ ଆଶାୟୀ ପ୍ରାର୍ଥୀ ନୀଳମାଧବ ହିକ୍‌କାଙ୍କୁ କହିଛନ୍ତି, ମୁଁ ରାଜନୀତିରେ ଦୀର୍ଘଦିନ ହେବ ଜଡ଼ିତ ଅଛି । ବିଷମକଟକ ବ୍ଲକର ଥୁଆପଡ଼ି ପଞ୍ଚାୟତରେ ସମିତି ସଭ୍ୟ ଓ ପରେ ସରପଞ୍ଚ ପରେ ବ୍ଲକ ଅଧ୍ୟକ୍ଷ ପଦ ତୁଲାଇଛି । ୨୦୧୯ରେ ଦଳ ମୋ ଉପରେ ଆଶା ଓ ବିଶ୍ୱାସ ରଖି ଟିକେଟ ଦେଇଥିଲା ଓ ଏବେ ମଧ୍ୟ ଦଳ ଉପରେ ଆଶା ଓ ବିଶ୍ୱାସ ଅଛି ବୋଲି ନୀଳମାଧବ ହିକ୍‌କା କହିଛନ୍ତି । ନୀଳମାଧବ ଉଲାକା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମୋ ବାପା ବିଷମ କଟକ ବିଧାନସଭା ଆସନରେ କଂଗ୍ରେସ ପକ୍ଷରୁ ୭ ଥର ବିଧାୟକ ଥିଲେ ଓ ଜଙ୍ଗଲ ପରିବେଶ ମନ୍ତ୍ରୀ ମଧ୍ୟ ଥିଲେ। ବାପାଙ୍କ ସହ ମୋର ସମସ୍ତ ଅଞ୍ଚଳରେ ଭଲ ପରିଚୟ ଅଛି ଓ ଲୋକେ ମଧ୍ୟ ପରିବର୍ତ୍ତନ ଚାହୁଁଛନ୍ତି । ଲୋକଙ୍କ ସମର୍ଥନ ଥିବାରୁ ମୁଁ ଆସନ୍ତା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ଆଶାୟୀ ଥିବା କହିଛନ୍ତି। ଏ ନେଇ କଂଗ୍ରେସ ଜିଲା ସଭାପତି ବିଜୟ ଗମାଙ୍ଗ କହିଛନ୍ତି, ଆମର ବିଷମକଟକ, ରାୟଗଡ଼ା , ଗୁଣପୁରରେ ଅନେକ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ଦଳ ଯାହା ନିଷ୍ପତ୍ତି ନେବ ତାହା ସମସ୍ତେ ମାନିବେ ଓ ସେହି ପ୍ରାର୍ଥୀଙ୍କୁ ସମର୍ଥନ କରିବେ ବୋଲି କହିଛନ୍ତି। ଦଳ ତରଫରୁ ଟିକେଟ ଘୋଷଣା ପରେ ବିଷମକଟକ ନିର୍ବାଚନମଣ୍ଡଳୀର ରାଜନୈତିକ ପାଣିପାଗ କେଉଁ ମୋଡ଼ ନେବ ତାହା ଦେଖିବାକୁ ବାକି ରହିଲା ।

## ବିଷମକଟକ ନିର୍ବାଚନମଣ୍ଡଳୀ

# ୨ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ରାୟଗଡ଼ା, ୧୬।୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଏସ୍‌ଡିଜେଏମ୍ କୋର୍ଟ ମନ୍ଦିରରୁ ଚୋରି ମାମଲାର ଶୁଣାଣିକରି ଗୁରୁବାର ୨ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଏବଂ ୮ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଆଇପିସି ୪୫୭ରେ ୩ ବର୍ଷ ଜେଲ ଓ ୩ହଜାର ଟଙ୍କା ଏବଂ ଆଇପିସି ୩୮୦ରେ ୩ବର୍ଷ ଜେଲ ଏବଂ ୫ହଜାର ଟଙ୍କା ଜରିମାନା ଶୁଣାଣି କରିଛନ୍ତି ଜଜ୍ ବର୍ଷା ଦାସ । ୨ ଅଭିଯୁକ୍ତ ହେଲେ କାହ୍ନୁ ଖୋସ୍‌ଲା ଓ ଦେବେନ୍ଦ୍ର କନ୍ଧପାଣି। ଜରିମାନା ରାଶି ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଜଜ୍ ଦାସ ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାରେ ୬ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଶୁଣାଣି ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ସୁଶାନ୍ତ ନାୟକ ଓ ସରକାରୀ ଓକିଲ ଭାବେ ଆଇନଜୀବୀ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ମାମଲା ପରିଚାଳନା କରୁଥିଲେ।

## ମନ୍ଦିରରୁ ଚୋରି ମାମଲାର ଶୁଣାଣି

ଘଟଣାରୁ ପ୍ରକାଶ ଯେ, ୨୦୨୩ ଅଗଷ୍ଟ ୨୧ରେ ଚାନ୍ଦିଲି ଥାନା ଅନ୍ତର୍ଗତ ସତ୍ୟସାଇ ମନ୍ଦିରରୁ ଦୁର୍ବୃତ୍ତ ଚୋରି କରିଥିଲେ । ଏ ନେଇ ମନ୍ଦିର କମିଟି ସଭାପତି ଜି.ମାଧବରାଓ ନାଇଡୁ ଚାନ୍ଦିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୧୯୮/୨୩ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ବେଳେ କାହ୍ନୁ ଖୋସ୍‌ଲା ଏବଂ ଦେବେନ୍ଦ୍ର କନ୍ଧପାଣିଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିଲା । ସେମାନଙ୍କ ନିକଟରୁ ମନ୍ଦିରରୁ ଚୋରି ହୋଇଥିବା ସାମଗ୍ରୀ ଜବତ ହୋଇଥିଲା ।

# ୪ ଦୋକାନର ଶଟର ତାଡ଼ି ଚୋରି

ରାୟଗଡ଼ା, ୧୬।୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ପୁଣି ଦେଖାଦେଇଛି ଚୋରଙ୍କ ଆତଙ୍କରାଜ । ଗୁରୁବାର ରାତିରେ ଦୁର୍ବୃତ୍ତମାନେ ମନ୍ଦିର, କିରାଣି ଷ୍ଟୋର ସମେତ ଔଷଧ ଦୋକାନରେ କଳାକନା ବୁଲାଇଛନ୍ତି । ରାୟଗଡ଼ା ସହରର ୩୨୬ନଂ. ଜାତୀୟ ରାଜପଥ କଡ଼ରେ ରହିଥିବା ୨ଟି ଔଷଧ ଦୋକାନ, ଗୋଟିଏ ରାଶନ ଦୋକାନ ଏବଂ ଗୋଟିଏ ହାର୍ଡୱାର ଦୋକାନର ଶଟର ତାଡ଼ି ଚୋରି କରାଯାଇଥିବା ଦେଖିବାକୁ ମିଳିଛି । ୪ଟି ଦୋକାନରୁ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ଜଣାପଡ଼ିଛି। ଗଜପତି ଛକ ନିକଟସ୍ଥ ଭେଙ୍କଟେଶ୍ୱର ମେଡ଼ିକାଲ ଷ୍ଟୋରର ଶଟର ତାଡ଼ି ପ୍ରାୟ ୨୫ହଜାର ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ । ସେହିପରି ମେଡ୍‌ପ୍ଲସ୍ ଔଷଧ ଦୋକାନର ଶଟର ତାଡ଼ି ଚୋରି ହୋଇଛି । ଖବରପାଇ ରାୟଗଡ଼ା ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ଖୁବ୍‌ଶୀଘ୍ର ଚୋରଙ୍କୁ କାବୁକରାଯିବ ବୋଲି ପୋଲିସ କହିଛି । ତେବେ ସହରରେ ବର୍ତ୍ତମାନ ଚୋରି ଦିନକୁ ଦିନ ବଢୁଥିବା ବେଳେ ପୋଲିସର ନିଷ୍କ୍ରିୟତା ଉପରେ ପ୍ରଶ୍ନ ଉଠୁଛି । ତେଣୁ ପୋଲିସ ଏଥିପ୍ରତି ଧ୍ୟାନଦେଇ ସହରକୁ ସୁରକ୍ଷିତ କରିବାକୁ ସାଧାରଣରେ ଦାବି ହୋଇଛି ।

# ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମାରୋହ

ଗୁଣପୁର, ୧୬।୨ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ଚିନାସାରି ସ୍ଥିତ ନେତାଜୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସକାଶେ ବିଦାୟକାଳୀନ ସମାରୋହ ଶୁକ୍ରବାର ଆୟୋଜିତ ହୋଇଛି । ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବିଦାୟ ସଙ୍ଗୀତ ଗାନ କରିବା ସହ ଉପହାର, ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷକ ଇନ୍ଦିରା ମହାପାତ୍ର ଓ ଶିକ୍ଷକ ଉମା ଦାଶ ଏକାଗ୍ର ଚିତ୍ତରେ ପାଠ ପଢିବା ସହ ସୁନାଗରିକ ହେବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଘାସିରାମ ରଥ, ଭବାନୀ ଶଙ୍କର ପ୍ରଧାନୀ, ବିଶ୍ୱନାଥ ପାଢ଼ୀ, ମଧୁସୂଦନ ପଟ୍ଟନାୟକ, ରବି ପ୍ରଧାନ, ପ୍ରକାଶ ରାଉତ, ସୁନିତ ଶବର ପ୍ରମୁଖ ପରିଚାଳନା କରିଥିଲେ ।

# କୃଷିଭିତ୍ତିକ ନୂଆ ଜ୍ଞାନକୌଶଳ ସମ୍ପର୍କରେ ଆଲୋଚନା

## ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ଗୁଣପୁର, ୧୬।୨ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର କୃଷି ବିଜ୍ଞାନ କେନ୍ଦ୍ରଠାରେ ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭୁବନେଶ୍ୱର ଓୟୁଏଟିର ଡେପୁଟି ଡାଇରେକ୍ଟର ଅଫ୍ ଏକ୍ସଟେନ୍‌ସନ ଡ. ପ୍ରସନ୍ନ କୁମାର ମହାନ୍ତି ଅଧ୍ୟକ୍ଷତାକରି କୃଷିବିଜ୍ଞାନ କେନ୍ଦ୍ର କିପରି ଆହୁର ଲୋକାଭିମୁଖୀ ହୋଇପାରିବ ଓ କୃଷକଙ୍କ ଆୟ କିପରି ଦ୍ୱିଗୁଣିତ ହେବ ସେ ବିଷୟରେ ପରାମର୍ଶ ଦେଇଥିଲେ। କୋଲକାତା ଅଟ୍ରିର ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ଆଇସି ଏଆର୍ ଡ. କଲ୍ୟାଣ ସୁନ୍ଦର ଦାସ ଆଭାସି ମାଧ୍ୟମରେ ବିଭିନ୍ନ କୃଷିଭିତ୍ତିକ ଜ୍ଞାନକୌଶଳ ସମ୍ପର୍କରେ ଆଲୋଚନା କରିଥିଲେ । ଗୁଣପୁର କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକା ସୁସ୍ମିତା ମହାନ୍ତି ରବି ଓ ଖରିଫ ଚାଷରେ କୃଷି ବିଜ୍ଞାନ କେନ୍ଦ୍ରର ଅବଦାନ ଓ ଆଗାମୀ ୨୪-୨୫ ବର୍ଷର ଚାଷ କ୍ଷେତ୍ରରେ କ'ଣ ସବୁ ନୂତନ ପ୍ରୟୋଗ କରାଯିବ ତା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ଏଡିଓ ବୃନ୍ଦାବନ ବେହେରା, ଗୁଣପୁର ଏଡିଏଚ୍ ଜଗନ୍ନାଥ ବିନ୍ଧାଣି, ରାୟଗଡ଼ା ସିଡିଏଓ ମନୋଜ କୁମାର ପ୍ରଧାନ, ରାୟଗଡ଼ା ସିଡିଭିଓ ଡ. ହାଡିବନ୍ଧୁ ଭୋଳ, ଗୁଣପୁର ଏଏଚ୍‌ଓ ସତ୍ୟବ୍ରତ ସାହୁ, ଜ୍ଞାନଲୋକ ଦାସ, ଆର୍. ଦେବରଞ୍ଜନ, ସନ୍ତୋଷ କୁମାର ସାମଲ, ତନ୍ମୟ ମହାପାତ୍ର, ସିଡିପିଓ ଗୁଣପୁର, ମୃତ୍ତିକା ଓ ଜଳ ସଂରକ୍ଷଣ ବିଭାଗ ଏଂ ଅଗ୍ରଣୀ ଚାଷୀମାନେ ଯୋଗଦେଇ ନିଜ ନିଜ ମତାମତ ଦେଇଥିଲେ ।

ବିଶେଷକରି ଆଗାମୀ ଖରିଫ ଋତୁରେ ମରୁଡି ସହନଶୀଳ ଓ ସ୍ୱଳ୍ପ ଅବଧି ଧାନ ବିହନ, ଜୈବିକ କୃଷି, ମୋ ବଗିଚା, ଅଣୁ ଜଳସେଚନ, ପାଣିପାଗ ଅନୁକୂଳ ଚାଷ, ଛତୁଚାଷ, ମହୁଚାଷ, ସମନ୍ୱିତ ଚାଷ, ଜୈବିକ ଉପାୟରେ ରୋଗପୋକ ନିୟନ୍ତ୍ରଣ, କୃଷକ ଉତ୍ପାଦନ ସଙ୍ଗଠନ ଓ ଜାଗିକରଣ ଉପରେ ଅଧିକ ଗୁରୁତ୍ୱ ଦେବାକୁ ଆଲୋଚନା ହୋଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ରାଜୀବ ଗୁଡୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଜ୍ଞାନିକ ପରିମଳ ତରାଇ, ନାରାମ ରାମୁ, ପାଣିପାଗ ବିଶେଷଜ୍ଞ ହିମାଦ୍ରି ବାଗ, ମଧୁମିତା ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ ।



ବୈଠକରେ କୃଷି ସୂଚନା ମୁଖପାତ୍ର ଉନ୍ମୋଚନ କରାଯାଉଛି।

# ଗୁଣପୁର ଉପଜିଲାପାଳଙ୍କ ପୋଲିଂ ବୁଥ୍ ପରିଦର୍ଶନ

ଚନ୍ଦ୍ରପୁର, ୧୬।୨ (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଗୁଣପୁର ଉପଜିଲାପାଳ କୀରନଦୀପ କୌର ଶୁକ୍ରବାର ଚନ୍ଦ୍ରପୁର ବ୍ଲକ ଗସ୍ତକରି ବିଭିନ୍ନ ପୋଲିଂ ବୁଥ୍ ପରିଦର୍ଶନ କରିଛନ୍ତି। ଆଗକୁ ନିର୍ବାଚନ ଥିବାରୁ ସେ ପ୍ରଥମେ ଡାଙ୍ଗସୋରଡ଼ାରେ ପହଞ୍ଚି ବ୍ଲକର ସମସ୍ତ ପୋଲିଂ ବୁଥ୍ କିପରି ରହିଛି, ଉକ୍ତ ସ୍ଥାନରେ ଶୌଚାଳୟ ଅଛି କି ନାହିଁ ବୁଲି ଦେଖିଥିଲେ। ସଦର ମହକୁମାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ପରେ ଯୁଗାପଦାର, ହନୁମନ୍ତପୁର, ବୁଦିବାଲି, ଚନ୍ଦ୍ରପୁରରେ ରହିଥିବା ସମସ୍ତ ବୁଥ୍ ବୁଲି ଦେଖିଥିଲେ। ଉପଜିଲାପାଳଙ୍କ ସହ ଚନ୍ଦ୍ରପୁର ବିଡିଓ ଅକ୍ଷୟ କୁମାର ମଲିକ, ଡାଙ୍ଗସୋରଡ଼ା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଗୁଣପୁର ଉପଜିଲାପାଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

# ଡ୍ରପ୍ ଆଉଟ୍ ହ୍ରାସ ନେଇ ସମନ୍ୱୟ ବୈଠକ


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

କୋରାପୁଟ, ୧୬।୨ (ଅମିତାଭ ବେହେରା)

କୋରାପୁଟ ଜିଲା ପ୍ରଶାସନ, ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ଜିଲା କଲ୍ୟାଣ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ପିରାମଲ ଫାଉଣ୍ଡେଶନ ସହଯୋଗରେ ଶୁକ୍ରବାର ଦକ୍ଷତା ବିକାଶ ତାଲିମ କେନ୍ଦ୍ରରେ ଏକ ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଜିଲା ଭିତରେ ବାଳିକା ଶିକ୍ଷାରେ ଛାତ୍ରବୃତ୍ତି ଅତ୍ୟାବଶ୍ୟକ ହୋଇଥିବା ବେଳେ ଡ୍ରପ୍‌ଆଉଟ୍ ହାର ଭଳି ସମସ୍ୟାର ମୁକାବିଲା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଛାତ୍ରବୃତ୍ତି ସେବା ପ୍ରଦାନ, ଆନୁଷଙ୍ଗିକ ଆହ୍ୱାନଗୁଡ଼ିକୁ ସୁଦୃଢ ପାଇଁ ଏକାଧିକ ବିଭାଗ ମଧ୍ୟରେ ସହଯୋଗ ଓ ସମନ୍ୱୟ ଆଣିବା, ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ପାଇଁ ଆବେଦନ କରିବାକୁ ସମସ୍ତ ଆବଶ୍ୟକ କାଗଜପତ୍ର ସହଜରେ ଉପଲବ୍ଧ କରାଇବା ଏବଂ ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ଦେବା ଏବଂ ଡ୍ରପ୍‌ଆଉଟ୍ ହ୍ରାସ ସୁନିଶ୍ଚିତ କରିବା ଏହି ବୈଠକର ମୂଳ ଉଦ୍ଦେଶ୍ୟ। ବୈଠକରେ ଅତିରିକ୍ତ ଜିଲାପାଳ, ଜିଲା କଲ୍ୟାଣ ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ, କଲ୍ୟାଣ ବିଭାଗ ଶିକ୍ଷା ଅଧିକାରୀ, ସଂଯୋଜକମାନେ ଉପସ୍ଥିତ ଥିଲେ। ବୈଠକରେ ବରିଷ୍ଠ ପ୍ରୋଗ୍ରାମ ମ୍ୟାନେଜର, ବରିଷ୍ଠ କାର୍ଯ୍ୟକ୍ରମ ଲିଡର ଜୟଶଙ୍କରଙ୍କ ସମେତ ଅନ୍ୟମାନେ ପିରାମଲ ଫାଉଣ୍ଡେଶନ ଡାଇଗ୍ନୋଷ୍ଟିକ୍ସର ଅନୁସନ୍ଧାନମୂଳକ ତଥ୍ୟ ଉପସ୍ଥାପନକରି ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଡ୍ରପ୍‌ଆଉଟ୍‌ହ୍ରାସ, ନାମଲେଖା ବୃଦ୍ଧି, ଧାରଣ ଏବଂ ବୃତ୍ତି ଗ୍ରହଣରେ ଉନ୍ନତି ଆଣିବା ଭଳି ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଫେବୃଆରୀ ୨୪ ଶେଷ ସୁଦ୍ଧା ସମସ୍ତ ନବମ ଓ ଦଶମ ଛାତ୍ରୀଛାତ୍ରଙ୍କ ଶତ ପ୍ରତିଶତ ଛାତ୍ରବୃତ୍ତି ଆବେଦନ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ବ୍ଲକର ବିଇଓ ଓ ଡବ୍ଲୁଇଓ ରୂପରେଖ ପ୍ରସ୍ତୁତ କରିବାକୁ ଅତିରିକ୍ତ ଜିଲାପାଳ ପ୍ରଧାନ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା କଲ୍ୟାଣ ଅଧିକାରୀ ସୁନୀଲ ତାଣ୍ଡି, ଅର୍ପିତା ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଅନ୍ୟମାନେ ଛାତ୍ରବୃତ୍ତି ନାମଲେଖାରେ ଉନ୍ନତି ଆଣିବା ଲାଗି କିଭଳି ମିଳିତ ଭାବେ କାର୍ଯ୍ୟ କରିପାରିବେ ସେ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ।

# ଶ୍ରମିକ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା, ପ୍ରତିବାଦ ସଭା

ଗୁଣପୁର/ଗୁଡ଼ାରି/ ପଦ୍ମପୁର/ ଟିକିରି, ୧୬।୨ (ପ୍ରଦୀପ କୁମାର ପାଢୀ/ ପ୍ରମୋଦ କୁମାର ପତି/ପ୍ରଶାନ୍ତ କୁମାର କର/ ପ୍ରଫୁଲ୍ଲ କୁମାର ବେହେରା)

## ରାୟଗଡ଼ା ଜିଲାରେ ଭାରତ ବନ୍ଦର ଆଂଶିକ ପ୍ରଭାବ

ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ଭାରତ ବନ୍ଦ ଡାକରା ରାୟଗଡ଼ା ଜିଲାରେ ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ରାୟଗଡ଼ା ସହରରେ ଦୋକାନ ବଜାର, ବ୍ୟାଙ୍କ ଓ ଅନ୍ୟାନ୍ୟ କାର୍ଯ୍ୟାଳୟ ଖୋଲା ରହିଥିଲା । ରାୟଗଡ଼ାଠାରୁ ବିଭିନ୍ନ ସ୍ଥାନକୁ ଯାତାୟତ କରୁଥିବା କିଛି ଭାରୀଯାନ ଅଟକି ରହିଥିଲା। ତେବେ ବିଭିନ୍ନ ବ୍ଲକ୍ ଅଞ୍ଚଳରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା।

ଗୁଣପୁରରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ମିଳିତ ଶ୍ରମିକ ସଂଗଠନ ଡାକରାରେ ବନ୍ଦ ପାଳନ ହୋଇଥିଲା । ଦୋକାନ ବଜାର ଖୋଲା ରହିଥିବାବେଳେ ବସ ଚଳାଚଳ ବନ୍ଦ ରହିଥିଲା। ଅନାସିମ ଶବର, ମିନ ଶବର, ଗଣେଷ ଶବର, ମୁନି ଶବର, ନିରଞ୍ଜନ ଶବର , ଅଗୟ ଶବର, ଗାଗାନା ଶବର, କାଳିଆ ଶବର ରାଜେନ୍ଦ୍ର ଶବର, ପିତର ଶବର ଓ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା।

ପଦ୍ମପୁର ବ୍ଲକ୍‌ରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ମିଳିତ ଶ୍ରମିକ ସଂଗଠନ ଡାକରାରେ ପାଚିକା ଓ ସହାୟିକା ମହାସଂଘ ତରଫରୁ ସୁନାଗିଘାଇ ଛକଠାରେ ଶୁକ୍ରବାର ସକାଳ ୬ରୁ ବନ୍ଦ ପାଳନ କରାଯାଇଥିଲା। ଫଳରେ ଦୋକାନ ବଜାର ବନ୍ଦ ସହ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ଏହି ପରିପ୍ରେକ୍ଷୀରେ ପାଚିକା ଓ ସହାୟିକା ମହାସଂଘ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିଲା। ପାର୍ବତୀ ଶବର, ଶ୍ରୀମତୀ ଶବର, ପୁଷ୍ପାଞ୍ଜଳି ପାଣିଗ୍ରାହୀ, ବୃନ୍ଦାବତୀ ଶବର, ଦୀପ୍ତି ବେବରିଆ, ରାଜେନ୍ଦ୍ର ମାଝିଙ୍କ ନେତୃତ୍ୱରେ ଶୋଭାଯାତ୍ରା କରାଯାଇଥିଲା।

ସେହିପରି ଗୁଡ଼ାରି ସହରରେ ସମସ୍ତ ଦୋକାନ ବଜାର ବନ୍ଦ ଥିଲା ବେଳେ ଶିକ୍ଷା ଅନୁଷ୍ଠାନ ଖୋଲାଥିଲା। ଗୁଡ଼ାରିକୁ ସଂଯୋଗ କରୁଥିବା ରାସ୍ତାରେ ସମସ୍ତ ବସ୍ ଓ ଅଟୋ ଚଳାଚଳ ବନ୍ଦ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସିପିଆଇଏମ୍‌ଏଲ୍ ଲିବରେଶନର ଗୁଡାରି ମୁଖ୍ୟ ବୃନ୍ଦାବନ ବିଡ଼ିକାଙ୍କ ନେତୃତ୍ୱରେ ମହିଳା ଓ ପୁରୁଷ କର୍ମକର୍ତ୍ତା ସହର ପରିକ୍ରମାକରି ମୋଦି ବିରୋଧୀ ସ୍ଲୋଗାନ ଦେଇଥିଲେ। ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନେତୃତ୍ୱରେ ସହରରେ ପୋଲିସ ମୁତୟନ କରାଯାଇଥିଲା।

ସେହିପରି କାଶୀପୁର ବ୍ଲକ ମାଇକଞ୍ଚ ପଞ୍ଚାୟତ ଅନ୍ତର୍ଗତ କୁପାଖାଲ ଗ୍ରାମରେ ପ୍ରଗତିଶୀଳ ଶ୍ରମିକ ସଂଘ ତରଫରୁ ଏକ ପଦଯାତ୍ରା ସହ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଆଇଏଫ୍‌ଟିୟୁର ସାଧାରଣ ସମ୍ପାଦକ ଅଗେନ୍ଦ୍ର ନାଏକଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରା ଲୁଣ୍ଡରୁକଣା ଛକଠାରୁ ବାହାରି କାଣ୍ଡବିନ୍ଧା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରା ସମୟରେ କେନ୍ଦ୍ର ସରକାର ଏବଂ ଚାଷୀ, ଶ୍ରମିକ ମାରଣ ନୀତି ଉପରେ କର୍ମୀମାନେ ନାରା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଧନେଶ୍ୱର ନାଏକ, ଦିଗମ୍ବର ବାଗ, ରମେଶ ନାଏକ, ନବୀନ ବାଗଙ୍କ ସହ ଉକ୍ତ ସଂଗଠନର ଶହେରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଆଇନଶୃଙ୍ଖଳା ଦୃଷ୍ଟିରୁ ଅଣ୍ଡିରାକଞ୍ଚ ଥାନା ଅଧିକାରୀ ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ ତରଫରୁ ପୋଲିସ ମୁତୟନ କରାଯାଇଥିଲା। ସୂଚନା ଥାଉକି, ପାଚିକା ଓ ସହାୟିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି , ଶ୍ରମିକଙ୍କୁ ୨୬ ହଜାର ଟଙ୍କା, ଲକ୍ଷ୍ମୀଖେରି କୃଷକ ଗଣହତ୍ୟାକାରୀ ଅଜୟ ମିଶ୍ରଙ୍କୁ ଗିରଫ କରିବା, କୃଷକ ଆତ୍ମହତ୍ୟା ପ୍ରତିହତ କରିବା, କର୍ପୋରେଟ ସପକ୍ଷବାଦୀ ଫସଲ ବୀମା ପ୍ରତ୍ୟାହାର କରିବା ଆଦି ଦାବିରେ ଦେଶବ୍ୟାପୀ ଭାରତ ବନ୍ଦ କରାଯାଇଥିଲା।



ଗୁଣପୁର ପୁରୁଣା ବସଷ୍ଟାଣ୍ଡଠାରେ ପ୍ରତିବାଦ ସଭା ଚାଲିଛି।


ଭାରତ ବନ୍ଦ ଡାକରାରେ ଗୁଡାରିରେ ଦୋକାନ ବନ୍ଦ।


କୁପାଖାଲ ଗ୍ରାମରେ ପ୍ରଗତିଶୀଳ ଶ୍ରମିକ ସଂଘର ବୈଠକ।

## ସଂକ୍ଷେପରେ

### ଦେଶୀ ମଦ ପ୍ରସ୍ତୁତି ବେଳେ ଚଢ଼ାଉ, ଜଣେ ଗିରଫ

ଜୟପୁର, ୧୬।୨ (ପବନ ପାଣିଗ୍ରାହୀ)

ଦେଶୀ ମଦ ପ୍ରସ୍ତୁତ କରିବା ସହ ଲୁଚାଇ ରଖିଥିବା ସୂଚନା ପାଇ କଳାଗୁଡା ଜଙ୍ଗଲରେ ଜୟପୁର ସଦର ପୋଲିସର ଚଢାଉ କରି ଶୁକ୍ରବାର ଜଣଙ୍କୁ ଗିରଫ କରିଛି। ସେ ହେଲେ କଳାଗୁଡା ଗ୍ରାମର ଲଚୁ ପାଙ୍ଗି (୪୦) । ତାଙ୍କଠାରୁ ୪୦ ଲିଟର ଦେଶୀ ମଦ, ୪ ଶହ ଲିଟର ପୋଚ ଓ ମଦ ରନ୍ଧା ସରଞ୍ଜାମ ଜବତ ହୋଇଛି। ଗିରଫ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା, ଯୁବକ ଗିରଫ

ଜୟପୁର, ୧୬।୨ (ପବନ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିବା ମାମଲାରେ ସଦର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ପଡେଇକେରା ଗ୍ରାମର ନାରାୟଣ ହରିଜନ। ପୋଲିସ ସୂଚନା ଅନୁଯାୟୀ ନାରାୟଣ ଜଣେ ନାବାଳିକା(୧୭)ଙ୍କୁ ଅପହରଣ କରି ନେଇଥିବା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ନାରାୟଣଙ୍କ ସମ୍ପୃକ୍ତି ଥିବା ଜାଣି ତାଙ୍କୁ ପଡେଇକେରା ଗ୍ରାମରୁ ଗିରଫ କରିଥିଲା। ସେତେବେଳେ ନାବାଳିକାଙ୍କୁ ମଧ୍ୟ ଉଦ୍ଧାର କରାଯାଇଥିଲା। ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି।

### ଖବର ପ୍ରକାଶ ପରେ ସଫାହେଲା ଅଳିଆ ଆବର୍ଜନା

ସେମିଳିଗୁଡ଼ା,ସୁନାବେଡ଼ା,୧୬।୨
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ଚାଷୀ ଓ ଚାଷ ଉତ୍ପାଦିତ ସାମଗ୍ରୀ ବିକ୍ରିକୁ ନେଇ ସର୍ବବୃହତ୍ ଆଦର୍ଶ ବଜାରର ମାନ୍ୟତା ପାଇଥିବା ହାଟର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ନେଇ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଜାନୁଆରୀ ୨୮ରେ'ସଫା କରାଯାଉନି ଅଳିଆ ଆବର୍ଜନା' ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ହାଟରେ ପଡି ରହିଥିବା ଅଳିଆ ଆବର୍ଜନା ସଫା କରାଯାଉଛି। ଏଥିସହ ଡ୍ରେନ୍ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି।

ବୋରିଗୁମ୍ମାକୁ ଏନ୍ଏସି ଘୋଷଣା ପ୍ରସଙ୍ଗ

### ଆଇନର ଆଶ୍ରୟ ନେବ ଭାଜପା



ଜୟପୁର,୧୬।୨ (ପବନ ପାଣିଗ୍ରାହୀ)

ବୋରିଗୁମ୍ମାକୁ ଏନ୍ଏସି ଘୋଷଣା କରିବାକୁ ଦାବି ଜୋର ଧରିଛି। ଏନ୍ଏସି ହେବା ପାଇଁ ବୋରିଗୁମ୍ମାରେ ସବୁଭିତ୍ତିଭୂମି ରହିଥିବା ବେଳେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଭାଜପା ନେତା ସୁଧାଂଶୁ ଶେଖର ଜେନା ଅଭିଯୋଗ କରିଛନ୍ତି । ଏନେଇ ଶୁକ୍ରବାର ଜୟପୁର ବାଇପାସ୍ କେନାଲ ରୋଡ୍‌ରେ ଏକ ଖବରଦାତା ସମ୍ମିଳନୀକରି ସେ ଏହି ସୂଚନା ଦେବା ସହ ଏନେଇ ଭାଜପା ଆଇନର ଆଶ୍ରୟ ନେବ ବୋଲି ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ କୋରାପୁଟ ଜିଲା ଯୁବମୋର୍ଚ୍ଚା ଉପସଭାପତି ଏ. ଦୁର୍ଗା ପ୍ରସାଦ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ୱାତୀ ହୋତା ଉପସ୍ଥିତ ଥିଲେ।

# କୋରାପୁଟ ସମେତ ୪ ବ୍ଲକରେ ପଡିଲା ବନ୍ଦ ପ୍ରଭାବ

## ତହସିଲଦାର, ବିଡିଓଙ୍କୁ ଦେଲେ ଦାବିପତ୍ର

କୋରାପୁଟ/ନାରାୟଣପାଟଣା/ଜୟପୁର, ୧୬।୨(ଅମିତାଭବେହେରା / ରାଜକିଶୋର ଜେନା/ପବନ ପାଣିଗ୍ରାହୀ)



ଚାଷୀମୂଲିଆ ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ଶୁକ୍ରବାରଭାରତବନ୍ଦଡାକରାପରିପେକ୍ଷୀରେ କୋରାପୁଟ ଜିଲାର କୋରାପୁଟ ସମେତ ଜୟପୁର, ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକରେ ଏହାର ପ୍ରଭାବ ପଡିଛି। ବନ୍ଧୁଗାଁରେ ଚାଷୀ ଭଉଣୀଭାଇମାନେ, ଅଞ୍ଚଳର ଚାଷୀ ମୂଲିଆ ଆଦିବାସୀ ସଂଘ, କମ୍ୟୁନିଷ୍ଟ ପାର୍ଟି ଓ କଂଗ୍ରେସ ନେତାମାନେ ଏଥିରେ ସାମିଲ ହୋଇଥିଲେ। ବନ୍ଧୁଗାଁ ବ୍ଲକ କମ୍ୟୁନିଷ୍ଟ ପାର୍ଟି ସଭାପତି କୃଷ୍ଣ ତାଡିଙ୍ଗଙ୍କ ନେତୃତ୍ୱରେ ଶତାଧିକ ଚାଷୀ ମୂଲିଆ ଆଦିବାସୀ ସଂଘ ସଦସ୍ୟମାନେ ବ୍ଲକର ସାନସରପାଲି ଛକରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ସେମାନେ ତହସିଲଦାର ସୋନାଲି ପାତ୍ରଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ୨୩ଟି ଦାବି ସମ୍ବଳିତ ଏହି ଦାବିପତ୍ରରେ ଆଦିବାସୀ ଓ ହରିଜନମାନଙ୍କୁ ଅଣଦେଖା କରାଯିବା, ରାଶନ ଚାଉଳ, ଭତ୍ତା, ଆବାସ, ରାସ୍ତାଘାଟ ବିଦ୍ୟୁତ୍. ପାଣି ଓ ଜଙ୍ଗଲ ଜମି ପଟ୍ଟା ବଣ୍ଟନରେ ସେମାନଙ୍କୁ ଅବହେଳା କରି ସେମାନଙ୍କ ଅଧିକାର କ୍ଷୁର୍ଣ୍ଣ କରାଯାଉଛି ବୋଲି ଉଲ୍ଲେଖ ରହିଛି। ପରେ ବ୍ଲକକୁ ଯାଇ ସେମାନେ ବିଡ଼ିଓ ଅଭିନିଶ ବିଶ୍ୱଜିତ ସେଙ୍ଗିଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବନ୍ଧୁଗାଁ ଥାନା ଅଧିକାରୀ ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଥିଲା।

ଜୟପୁରରେ ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡିକ ଶୁକ୍ରବାର ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଥିଲେ। ଏହାର ପ୍ରଭାବ ଜୟପୁରରେ ଦେଖିବାକୁ ମିଳିଛି । ଏହି ଧର୍ମଘଟକୁ କୋରାପୁଟ ଜିଲା କଂଗ୍ରେସ ସମର୍ଥନ କରିଛି। ଏନେଇ ମୁଖ୍ୟ ଟ୍ରାଫିକ ଛକଠାରେ ରାସ୍ତା ଅବରୋଧକରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏମ୍ଏସ୍‌ପି ଆଇନ ଗ୍ୟାରେଣ୍ଟି ଦେବା ସହ ସମସ୍ତ କୃଷି ଋଣ ଛାଡ଼ କରିବା, ପାଚିକା, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସିଆର୍‌ପି ଓ ଆଉଟସୋର୍ସିଂ କର୍ମଚାରୀଙ୍କୁ ଶ୍ରମିକ ମାନ୍ୟତା ଦେବା, ଶ୍ରମିକ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମକୋଡ୍ ବାତିଲ କରିବା, ଶ୍ରମିକମାନଙ୍କୁ ମାସକୁ ସର୍ବନିମ୍ନ ୨୬ ହଜାର ଟଙ୍କା ମଜୁରି ଦେବା, ଚାଷୀକୁ ଜମିର ଅଧିକାର ଦେବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ ବନ୍ଦ କରିବା ଆଦି ଦାବିରେ ଏହି ବନ୍ଦ ଡାକରା ଦିଆଯାଇଥିଲା। କାର୍ଯ୍ୟକ୍ରମର ନେତୃତ୍ୱ ଶ୍ରମିକ ନେତା ଯୁଧିଷ୍ଠିର ରାଉଳ, ଭଗବାନ ବାହିନୀପତି, ସତ୍ୟବ୍ରତ ନନ୍ଦ, ସୁକାନ୍ତ ପଟ୍ଟନାୟକ, ବସନ୍ତ ନାୟକ, ରାମକୃଷ୍ଣ ଦାସ ନେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲେ।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କୁନ୍ଦୁରା, ୧୬।୨(ସନ୍ତୋଷ ପ୍ରହରାଜ)



କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମାସ୍ଥିତ ବାଗଗୁଡା ଗ୍ରାମର ଗୁରୁବନ୍ଧୁ ହରିଜନ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ନିଜ ଘର ପାଖ କେନ୍ଦୁଗୁଡା ଗ୍ରାମରୁ ଘରକୁ ଫେରୁଥିବା ସମୟରେ ସେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ତାଙ୍କ ମୁହଁରେ ଗଭୀର ଆଘାତ ଲାଗିଛି। ଖବରପାଇ ଗ୍ରାମବାସୀ ଏବଂ ସମ୍ପର୍କୀୟ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ କୁନ୍ଦୁରା ବନ ବିଭାଗ ଅଧିକାରୀ ଗୁରୁବନ୍ଧୁଙ୍କୁ ସହାୟତା ଯୋଗାଇ ଦେବାକୁ କହିଛନ୍ତି। ଘଟଣା ଜାଣିବା ପରେ ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝୀ, ଜିଲା ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ,ସରପଞ୍ଚ ଲବ ପରଜା ପ୍ରମୁଖ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଗୁରୁବନ୍ଧୁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜୟପୁର, ୧୬।୨ (ପବନ ପାଣିଗ୍ରାହୀ)

ଜୟପୁର ପୌରାଞ୍ଚଳରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପୌରାଞ୍ଚଳର ଜୟନଗର ପାର୍କରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଉପାଧ୍ୟକ୍ଷ ବି. ସୁନିତା , କାଉନସିଲର ଜଶପାଲ ସିଂ, ଅଜିତ ବେହେରା, ପାର୍ଥସାରଥି ମଲ୍ଲିକ, ଗୋପୀନାଥ ମହାନ୍ତି, ରବୀନ୍ଦ୍ର ସାହୁ, ବିଷ୍ଣୁ ବର୍ଦ୍ଧନ ରେଡ୍ଡି, ଏନ୍. ଲକ୍ଷ୍ମୀନାରାୟଣ, ଶଶିରେଖା ପରଜା, ସୁଷମା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜୟପୁର ସହରରେ ଥିବା ବସ୍ତି ଅଞ୍ଚଳ ଓ ସହରବାସୀଙ୍କୁ ସଚେତନ କରାଯାଇଥିଲା। ମୁକ୍ତା ଯୋଜନା, କାଳିଆ ଯୋଜନା, ଜାଗା ମିଶନ, ସ୍ୱଚ୍ଛ ଭାରତ ଆଦି ଯୋଜନା ଉପରେ ସଚେତନ କରାଯାଇଛି ।

# ଛାତ୍ରବୃତ୍ତି ସୁନିଶ୍ଚିତ,ଡ୍ରପ୍ ଆଉଟ୍ ହ୍ରାସ ନେଇ ସମନ୍ୱୟ ବୈଠକ

କୋରାପୁଟ,୧୬।୨(ଅମିତାଭ ବେହେରା)


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

କୋରାପୁଟ ଜିଲା ପ୍ରଶାସନ, ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ଜିଲା କଲ୍ୟାଣ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ପିରାମଲ ଫାଉଣ୍ଡେଶନ ସହଯୋଗରେ ଶୁକ୍ରବାର ଦକ୍ଷତା ବିକାଶ ତାଲିମ କେନ୍ଦ୍ରରେ ଏକ ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଜିଲା ଭିତରେ ବାଳିକା ଶିକ୍ଷାରେ ଛାତ୍ରବୃତ୍ତି ଅତ୍ୟାବଶ୍ୟକ ହୋଇଥିବା ବେଳେ ଡ୍ରପ୍‌ଆଉଟ୍ ହାର ଭଳି ସମସ୍ୟାର ମୁକାବିଲା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଛାତ୍ରବୃତ୍ତି ସେବା ପ୍ରଦାନ, ଆନୁଷଙ୍ଗିକ ଆହ୍ୱାନଗୁଡ଼ିକୁ ସୁଦୃଢ଼ ପାଇଁ ଏକାଧିକ ବିଭାଗ ମଧ୍ୟରେ ସହଯୋଗ ଓ ସମନ୍ୱୟ ଆଣିବା, ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ପାଇଁ ଆବେଦନ କରିବାକୁ ସମସ୍ତ ଆବଶ୍ୟକ କାଗଜପତ୍ର ସହଜରେ ଉପଲବ୍ଧ କରାଇବା ଏବଂ ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ଦେବା ଏବଂ ଡ୍ରପ୍‌ଆଉଟ୍ ହ୍ରାସ ସୁନିଶ୍ଚିତ କରିବା ଏହି ବୈଠକର ମୂଳ ଉଦ୍ଦେଶ୍ୟ। ବୈଠକରେ ଅତିରିକ୍ତ ଜିଲାପାଳ, ଜିଲା କଲ୍ୟାଣ ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ, କଲ୍ୟାଣ ବିଭାଗ ଶିକ୍ଷା ଅଧିକାରୀ, ସଂଯୋଜକମାନେ ଉପସ୍ଥିତ ଥିଲେ। ବୈଠକରେ ବରିଷ୍ଠ ପ୍ରୋଗ୍ରାମ ମ୍ୟାନେଜର, ବରିଷ୍ଠ କାର୍ଯ୍ୟକ୍ରମ ଲିଡର ଜୟଶଙ୍କରଙ୍କ ସମେତ ଅନ୍ୟମାନେ ପିରାମଲ ଫାଉଣ୍ଡେଶନ ଡାଇଗ୍ନୋଷ୍ଟିକ୍ସର ଅନୁସନ୍ଧାନମୂଳକ ତଥ୍ୟ ଉପସ୍ଥାପନକରି ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଡ୍ରପ୍‌ଆଉଟ୍‌ହ୍ରାସ, ନାମଲେଖା ବୃଦ୍ଧି, ଧାରଣ ଏବଂ ବୃତ୍ତି ଗ୍ରହଣରେ ଉନ୍ନତି ଆଣିବା ଭଳି ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଫେବୃଆରୀ ୨୪ ଶେଷ ସୁଦ୍ଧା ସମସ୍ତ ନବମ ଓ ଦଶମ ଛାତ୍ରୀଛାତ୍ରଙ୍କ ଶତ ପ୍ରତିଶତ ଛାତ୍ରବୃତ୍ତି ଆବେଦନ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ବ୍ଲକର ବିଇଓ ଓ ଡବ୍ଲୁଇଓ ରୂପରେଖ ପ୍ରସ୍ତୁତ କରିବାକୁ ଅତିରିକ୍ତ ଜିଲାପାଳ ପ୍ରଧାନ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା କଲ୍ୟାଣ ଅଧିକାରୀ ସୁନୀଲ ତାଣ୍ଡି, ଅର୍ପିତା ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଅନ୍ୟମାନେ ଛାତ୍ରବୃତ୍ତି ନାମଲେଖାରେ ଉନ୍ନତି ଆଣିବା ଲାଗି କିଭଳି ମିଳିତ ଭାବେ କାର୍ଯ୍ୟ କରିପାରିବେ ସେ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ।

## ଜଙ୍ଗଲ ଜମି ଅଧିକାର ଆଇନ ସମ୍ପର୍କିତ ବୈଠକ

ଜୟପୁର,୧୬।୨ (ପବନ ପାଣିଗ୍ରାହୀ)

ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜଙ୍ଗଲ ଜମି ଅଧିକାର ଆଇନ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଖଣ୍ଡସ୍ତରୀୟ ଜଙ୍ଗଲ, ଜମି ଅଧିକାର ଆଇନ ସମ୍ପର୍କିତ ଏହି ବୈଠକରେ ଜଙ୍ଗଲ ଜମି ଅଧିକାର ଆଇନରେ କେତେଜଣ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। କେତେଜଣ ଆବେଦନ କରିଛନ୍ତି, କେତୋଟି ନାକଚ ହୋଇଛି ସେନେଇ ଆଲୋଚନା ହୋଇଥିଲା। ବୈଠକରେ ଜୟପୁର ଉପଜିଲାପାଳ ପ୍ରଭାତ ପରିଡା, ଜୟପୁର ତହସିଲଦାର, ବୋରିଗୁମ୍ମା, କୋଟପାଡ, ବୈପାରିଗୁଡା ବ୍ଲକର ଅଧିକାରୀମାନେ ଉପସ୍ଥିତ ଥିଲେ।

# ମା'ତାରିଣୀ ମନ୍ଦିରର ବାର୍ଷିକୋତ୍ସବ ପାଳିତ

ସୁନାବେଡା,୧୬।୨(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ହାଲ୍ ସହରାଞ୍ଚଳ 'ବି' ଜୋନ୍‌ଠାରେ ଥିବା ମା' ତାରିଣୀ ମନ୍ଦିରର ୧୮ତମ ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଛି। ଗୁରୁବାରଠାରୁ ଉତ୍ସବର ପୂଜାବିଧି ଆରମ୍ଭ ହୋଇଥିଲା। ଉତ୍ସବ ରବିବାର ଶେଷ ହେବ। ପ୍ରଥମ ଦିନରେ ସହରର ବିଭିନ୍ନ ଅଞ୍ଚଳ ତଥା ଆଖପାଖ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ 'ଜି' ଜୋନ୍‌ସ୍ଥିତ ଗାୟତ୍ରୀ ମନ୍ଦିର ପରିସରରେ ଥିବା କୂଅରୁ ଜଳ ଉଠାଇ ୧୦୮ କଳସ ଶୋଭାଯାତ୍ରାରେ ତାରିଣୀଙ୍କ ମନ୍ଦିରକୁ ଆଣିଥିଲେ। ଶୁକ୍ରବାର ସକାଳୁ ମା'ଙ୍କ ରୀତିନୀତି ସହ ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନି ସ୍ଥାପନ,ଚଣ୍ଡୀପାଠ, ଦୀପ ଯଜ୍ଞ, ଆଳତି, ପୁଷ୍ପାଞ୍ଜଳି ଆଦି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ସନ୍ଧ୍ୟା ସାଢେ ୭ଟାରେ ପୂର୍ଣ୍ଣାହୁତି ହୋଇଥିଲା। ମୁଖ୍ୟ ପୂଜକ ଭାବେ ଆଚାର୍ଯ୍ୟ ଜଗନ୍ନାଥ ନନ୍ଦ, ପ୍ରମିତ କୁମାର ଦାଶଙ୍କ ସହ ମନ୍ଦିର ପୂଜକ ଡମ୍ବରୁଧର ଦାଶ ଓ ବିଶ୍ୱରଞ୍ଜନ ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟକର୍ତ୍ତା ରୂପେ ପ୍ରଭାତ ଗିରି ଓ ତାଙ୍କ ସ୍ତ୍ରୀ ପ୍ରଣତି ଦାୟିତ୍ୱ ତୁଲାଇଥିଲେ।


ଜଳକଳସ ଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

# ଗାଦିଆଗୁଡ଼ା ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ

ଦଶମନ୍ତପୁର, ୧୬।୨(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ଗାଦିଆଗୁଡ଼ା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଶୁକ୍ରବାର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଇଓ ସୁଶାନ୍ତ ଶତପଥୀଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ସଭାପତି ଝିନ୍ନ ହିକକା, ପୂର୍ବତନ ଏମ୍‌ପି ପ୍ରତିନିଧି କୌଶଲ୍ୟା ହିକକା, କୈଳାସ ଚନ୍ଦ୍ର କୁଲେସିକା, ଜିପିଇଓ ସ୍ମୃତିରଞ୍ଜନ ନାୟକ, ଏସିପି ଶାନ୍ତନୁ ନାହାକ, ବିଜେଡି ବ୍ଲକ ସଭାପତି ମହେନ୍ଦ୍ର କୁଲଦୀପ, ଦଶମନ୍ତପୁର ପିଇଓ ଏମ୍. ଗୋବିନ୍ଦ ରାଓ, ଶେଷଦେବ ବିଶୋୟୀ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଖୋଲା ଯାଇଥିବା ଷ୍ଟଲ୍‌ଗୁଡିକୁ ଅତିଥିମାନେ ପରିଦର୍ଶନ କରିଥିଲେ। ଏହି ଅବସରରେ ଆମ ପଞ୍ଚାୟତର ବିକାଶ ପୁସ୍ତକ ଉନ୍ମୋଚନ ହୋଇଥିଲା। ଜିଆର୍‌ଏସ୍ ସୁମିତ ହୋତା ଓ ଯୋଗାଣ ସହାୟକ ଫିରଜ ଗରଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାର୍ଟିନ ଖସଲା ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ବିଜେଡିର ପରିବାର ସମ୍ପର୍କ ଅଭିଯାନ ଆରମ୍ଭ

ନନ୍ଦପୁର, ୧୬।୨ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତର ତାମଡିଙ୍ଗ ଓ ପାଣ୍ଡୁଲୁଙ୍ଗ ପଞ୍ଚାୟତର ଟାଙ୍କେଲ ଗ୍ରାମରେ ଶୁକ୍ରବାର ବିଜୁ ଜନତା ଦଳର ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପଟାଙ୍ଗି ବିଧାୟକ ପ୍ରିତମ ପାଢ଼ୀ ଅଭିଯାନର ଶୁଭାରମ୍ଭ କରିଥିଲେ। ଆଗାମୀ ନିର୍ବାଚନ ଲାଗି ପ୍ରତ୍ୟେକ ପଞ୍ଚାୟତରେ ଦଳ ପକ୍ଷରୁ କର୍ମୀ ସମ୍ମିଳନୀ ଓ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଦଳୀୟ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ସୁଶାସନ ଓ ଦଳର ଆଭିମୁଖ୍ୟ ସମ୍ପର୍କରେ ଗ୍ରାମର ପ୍ରତ୍ୟେକ ପରିବାରକୁ ଅବଗତ କରିବେ ବୋଲି ପାଢ଼ୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ଦୁଇ ପୁରୁଣା କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସେମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଟାଙ୍ଗି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ବାଲା ରାୟ, ନନ୍ଦପୁର ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲରି, ଗୋପାଳ କୃଷ୍ଣ ବେବର୍ତ୍ତା, ଭଗବାନ ପେଟିଆ, ସୀମା ବେହେରା, କାମାୟା ପାଙ୍ଗି, ଧୂଳି ପାଙ୍ଗି, ମୁରଲୀ କୁଡା, ୨ପଞ୍ଚାୟତ ସଭାପତି, ବୁଥ କମିଟି ସଦସ୍ୟଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

## ପଞ୍ଚାୟତ ବିକାଶ ପତ୍ରିକା ଉନ୍ମୋଚନ

ନନ୍ଦପୁର,୧୬।୨(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ପ୍ରଶାସନ ତରଫରୁ ହିକିମପୁଟ ଓ ମାଲିବେଲଗାଁ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨ପଞ୍ଚାୟତରେ ଗତ ୫ବର୍ଷ ମଧ୍ୟରେ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟର ଚିତ୍ର ଓ ତଥ୍ୟ ସମ୍ବଳିତ ପତ୍ରିକା ଉନ୍ମୋଚନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ୨ପଞ୍ଚାୟତର ସରପଞ୍ଚ ଯମୁନା ବଡନାୟକ ଓ ପ୍ରହଲ୍ଲାଦ ମୁଦୁଲି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ପିତମ ପାଢ଼ୀ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ବିଡିଓ ଦୁର୍ଗା ପ୍ରସାଦ ଦୋରା, ଏସଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ଜିଲା ପରିଷଦ ସଦସ୍ୟା ବିଳାସିନୀ ନାୟକ, ଜିପିଇଓ ବେଦାନ୍ତ ମାଝୀ ଯୋଗଦେଇ ୨୦ ବର୍ଷ ତଳର ସମସ୍ୟା ବହୁଳ ଓଡ଼ିଶା ଓ ବର୍ତ୍ତମାନର ବିକାଶମୁଖି ଓଡ଼ିଶାର ସମସ୍ତ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ଜିଲା ସଂଯୋଜକ ଲତା ରାୟ, ବିଜେଡି ବ୍ଲକ ସଭାପତି କାଶୀନାଥ ଗୋଲରି, ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗିଙ୍କ ଅନ୍ୟମାନେ ଉପସ୍ଥିତ ଥିଲେ ।

# ବଟ,ଓସ୍ତ ବୃକ୍ଷ ପ୍ରତିଷ୍ଠା: ବିବାହ ଉତ୍ସବ

କୋରାପୁଟ ,୧୬।୨ (ଅମିତାଭ ବେହେରା)



କୋରାପୁଟ ସହରର ଭବାନୀନଗରସ୍ଥିତ ଶ୍ରୀବଣେକେଶ୍ୱର ମହାଦେବ ମନ୍ଦିର ପରିସରରେ ଥିବା ବଟ ଓସ୍ତ ବୃକ୍ଷଙ୍କ ପ୍ରତିଷ୍ଠା ଓ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପବିତ୍ର ମାଘ ସପ୍ତମୀ ତିଥିରେ ଏହି ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ମନ୍ଦିରଠାରେ ଏହି ପ୍ରତିଷ୍ଠା ଓ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ସକାଳୁ ମନ୍ଦିର ପୂଜକ ରମେଶ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଯାଥା ରୀତିରେ ମହାଦେବଙ୍କଠାରେ ପୂଜାର୍ଚ୍ଚନା ପରେ ପବିତ୍ର ବଟ ଓ ଓସ୍ତ ବୃକ୍ଷରେ ନୂତନ ବସ୍ତ୍ର ପିନ୍ଧାଯାଇଥିଲା। ପରେ ସେଠାରେ ହୋମ ଯଜ୍ଞ ହୋଇଥିଲା । ଏହି ଯଜ୍ଞରେ ବଟ ଗଛ ନିମନ୍ତେ ମନ୍ଦିର ପୂଜକ ପଣ୍ଡା କର୍ତ୍ତା ହୋଇଥିବାବେଳେ ଓସ୍ତ ଗଛ ପାଇଁ ବିଜୟ କୁମାର ଚୌଧୁରୀ କର୍ତ୍ତା ହୋଇଥିଲେ। ପ୍ରାୟ ୨ ଘଣ୍ଟା ଧରି ହୋମ ଓ ପୂଜାର୍ଚ୍ଚନା ପରେ ଅପରାହ୍ନ ୧ଟାରେ ପୂର୍ଣ୍ଣାହୁତି ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଭବାନୀ ନଗର ସମେତ ଓଏମପି ଓ ଆଖପାଖ ଅଞ୍ଚଳରୁ ବହୁ ଜନ ସମାଗମ ହୋଇଥିଲା। କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟିର ଅଶ୍ୱିନୀ ପାଣିଗ୍ରାହୀ, ରବି ନାରାୟଣ ପଣ୍ଡା,ବିଷ୍ଣୁ ଚରଣ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଓ ଭବାନୀନଗର ବାସୀ ପରିଚାଳନା କରିଥିଲେ ।

